**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**29 July– 2026**

---

# ଏଲ୍‌ଏସ୍‌-ଏକ୍ସାମ୍‌ବିଲ୍

ଲୋକସଭାରେ ଆଜି ମଧ୍ୟ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଧେୟକ ୨୦୨୬ ଉପରେ ଆଲୋଚନା ଜାରି ରହିବ । ୨୦୨୪ ଆଇନ୍‌କୁ ସଂଶୋଧନ ନେଇ ଏଥିରେ କେତେକ ପ୍ରସ୍ତାବ ରହିଛି । ଗତକାଲି ଗୃହରେ ଏହି ବିଲ୍ ଉପରେ ଆଲୋଚନା କାଳରେ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ  ନୂତନ ବିଲ୍‌ରେ ଥିବା ଆଇନଗତ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ ।

# ଜଳପଥ କାର୍ଯ୍ୟକ୍ଷମ

ଜାତୀୟ ଜଳମାର୍ଗ-୫ରେ ଆସନ୍ତା ୨୦୩୨ମସିହା ସୁଦ୍ଧା ତାଳଚେରରୁ ପାରାଦୀପ ଓ ଧାମରାକୁ ଜଳପଥ କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଲୋକସଭାରେ ସୂଚନା ଦେଇଛନ୍ତି । ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ୩୩୨କିଲୋମିଟର ଜଳମାର୍ଗ ରହିଛି । ସରକାରୀ ମଞ୍ଜୁରୀ ମିଳିବା ପରେ ଏହାର କାର୍ଯ୍ୟ ଆରମ୍ଭ ହେବ ।

# ବନ୍ୟା ପରିସ୍ଥିତି

ଉତ୍ତର ଆଭ୍ୟନ୍ତରୀଣ ଓଡିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଗଭୀର ଅବପାତ କେନ୍ଦ୍ରୀଭୂତ ରହିଛି । ଆଜି ଅପରାହ୍ଣ ସୁଦ୍ଧା ଏହା ଉତ୍ତର ଓଡିଶା, ଦକ୍ଷିଣ ଝାଡଖଣ୍ଡ ଏବଂ ଉତ୍ତର ଛତିଶଗଡ ଦେଇ ଗତି କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଗତ ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ସର୍ବାଧିକ ୨୪୬ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା । ଆସନ୍ତା ୨୪ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ବର୍ଷାର ପ୍ରଭାବରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଭଦ୍ରକ ଜିଲ୍ଲା ବୈତରଣୀ ନଦୀ ଆଖୁଆପଦାଠାରେ ଜଳସ୍ତରୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ସକାଳ ୬ଟାରେ ଜଳସ୍ତର ୨୦ଦଶମିକ ୩/୨ ମିଟର ଥିବାବେଳେ ଏଠାରେ ବିପଦ ସଙ୍କେତ ହେଉଛି ୮ଦଶମିକ ୩/୩ମିଟର । ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମନ୍ତ୍ରୀ ବନ୍ୟା ସ୍ଥିତିର ସମୀକ୍ଷା କରି ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହାସହ ବାଲେଶ୍ୱର, ଭଦ୍ରକ ଓ

ଯାଜପୁର ଜିଲ୍ଲାରେ ଏନଡିଆରଏଫ ଏବଂ ଓଡ୍ରାଫ ଟିମ୍ ମୁତୟନ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବାସଗୃହ ଏବଂ ଚାଷଜମି ନିମନ୍ତେ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ବନ୍ୟା ପ୍ରଭାବିତ ତିନୋଟି ଜିଲ୍ଲାରେ ପରିସ୍ଥିତିର ମୁକାବିଲା ପାଇଁ ସରକାର ୩ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ଲଗାଣ ବର୍ଷା ଏବଂ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ବିଭିନ୍ନ ଜିଲ୍ଲାରେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବନ୍ଦ ଘୋଷଣା କରାଯାଇଛି ।

## ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡିଶା ଗସ୍ତର ସୁପରିଚାଳନା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ଜଣାପଡିଛି, ରାଷ୍ଟ୍ରପତି ଆସନ୍ତା ୩ରୁ ୫ତାରିଖ ପର୍ଯ୍ୟନ୍ତ ଓଡିଶା ଗସ୍ତରେ ଆସିବେ । ୪ତାରିଖରେ ଭୁବନେଶ୍ୱର ରେଳଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ବ୍ରହ୍ମପୁର ଗସ୍ତ କରିବେ ଏବଂ ୫ତାରିଖରେ ଟ୍ରେନ ଯୋଗେ ଭୁବନେଶ୍ୱର ଫେରିବେ । ରାଷ୍ଟ୍ରପତିଙ୍କ ରେଳଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ଅଧିକ କଡାକଡି କରାଯିବା ସହ ତ୍ରୁଟି ଶୂନ୍ୟ ପରିଚାଳନା ଉପରେ ଶ୍ରୀମତୀ ଗର୍ଗ କହିଛନ୍ତି ।

## ପର୍ଯ୍ୟବେକ୍ଷକ ଗସ୍ତ

ଜାତୀୟ ମାନବାଧିକାର ଆୟୋଗଙ୍କ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦେବେନ୍ଦ୍ର ସିଂ ଧାପୁଲା କଟକ ଗସ୍ତରେ ଆସି ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି । ଗରୀମା ଯୋଜନାର କାର୍ଯ୍ୟାନ୍ୱୟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀର ବ୍ୟବହାର ଏବଂ ଯାନ୍ତ୍ରିକ ସଫେଇ ବ୍ୟବସ୍ଥାର ସମୀକ୍ଷା କରିଥିଲେ ।

## ଏସଆଇଆର ସମୀକ୍ଷା

ମାଲକାନଗିରି ଜିଲ୍ଲାରେ ଉପସଚିବ ଜିତେନ୍ଦ୍ର କୁମାର ପାତ୍ର  ଭୋଟର ତାଲିକା ସ୍ୱତନ୍ତ୍ର ସଂଘନ ସଂଶୋଧନ-ଏସଆଇଆର କାର୍ଯ୍ୟର ସମୀକ୍ଷା କରିଛନ୍ତି ।

ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ଉଦ୍ୟୋଗ ବିଭାଗର କମିଶନର ମହମ୍ମଦ ସାଦିକ୍ ଆଲାମ ଏସଆଇଆର କାର୍ଯ୍ୟର ତଦାରଖ କରିଛନ୍ତି ।

## ମହିଳା ସୁରକ୍ଷା

ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ମହିଳା ସୁରକ୍ଷା ଓ ସଶକ୍ତିକରଣ ସମ୍ପର୍କୀତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀମାନଙ୍କୁ ଆତ୍ମ ବିଶ୍ୱାସ, ସାହାସ ଓ ସମ୍ମାନର ସହ ସମାଜରେ ଆଗକୁ ବଢିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

# ଆଲୋଚନାଚକ୍ର

ଗଞ୍ଜାମ ଜିଲ୍ଲାର ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ବିଭାଗ ଏବଂ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଓଡିଶା କୋଷାଗ୍ରନ୍ଥର ପରମ୍ପରା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଅସୀମା ସାହୁଙ୍କ ସମେତ ବହୁ ସାହିତ୍ୟିକ ଯୋଗଦେଇ ବିବିଧ ଭାଷାଭିତ୍ତିକ କୋଷାଗ୍ରନ୍ଥ ପ୍ରଣୟନ କରାଗଲେ ଭାଷା କ୍ଷେତ୍ର ଆହୁରି ସୁଦୃଢ ହେବ ବୋଲି ମତବ୍ୟକ୍ତ କରିଥିଲେ ।

# ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଆଷାଢ ଶୁକ୍ଳ ବ୍ୟାସପୂର୍ଣ୍ଣିମା ତିଥିରେ ଶ୍ରୀବିଗ୍ରହ ମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ବ୍ୟାଘ୍ର ଦିବସ

ବାଘ ମାନଙ୍କ ସୁରକ୍ଷା ଓ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, ସ୍ଥାନୀୟ ଜନଜାତି ଓ ସମ୍ପ୍ରଦାୟର ସହଭାଗିତାରେ ବାଘଙ୍କ ଭବିଷ୍ୟତର ସୁରକ୍ଷା' । ରାଜ୍ୟରେ ବାଘ ବଂଶ ବୃଦ୍ଧି କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।

# ରାଜ୍ୟଗୋଷ୍ଠୀ କ୍ରୀଡା

ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତାର ଭାରୋତ୍ତଳନ ୬୯କେଜି ବର୍ଗରେ ଭାରତର ହରଜିନ୍ଦର କୌର ରୌପ୍ୟପଦକ ଜିତିଛନ୍ତି । ସେହିଭଳି ଭେଲୁରୀ ଅଜୟବାବୁ ୭୯କେଜି ବର୍ଗରେ ରୌପ୍ୟପଦକ ହାସଲ କରିଛନ୍ତି । ମହିଳା ବକ୍ସିଂ ପ୍ରତିଯୋଗିତାର ୫୫କେଜି ବର୍ଗରେ ପ୍ରୀତି ପାୱାର ଓ ପ୍ରିୟା ଘଙ୍ଗାସ୍ ସେମିଫାଇନାଲରେ ପ୍ରବେଶ କରି ଗୋଟିଏ ପଦକ ସୁନିଶ୍ଚିତ କରିଛନ୍ତି ।